## ତାରିଖ ୧୯.୦୨.୨୦୨୫

## ଜୈବିକ ପଦ୍ଧତିରେ ଚାଷ କରିବା

**ଅଣତାରକା ପ୍ରଶ୍ନ ସଂଖ୍ୟା ୧୦୭୬ : ଶ୍ରୀ ଅଶ୍ୱିନୀ କୁମାର ଷଡଙ୍ଗୀ**: ଉପମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଅତ୍ୟଧିକ ରାସାୟନିକ ସାରର ବ୍ୟବହାର ଓ ପ୍ରୟୋଗ ଯୋଗୁଁ ବରଗଡ଼ରେ କ୍ୟାନସର ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଛି, ଏହାକୁ ହ୍ରାସ କରିବା ପାଇଁ ଜୈବିକ ଚାଷ ଉପଯୋଗ ହେବା ନିହାତି ଦରକାର, ଏହାକୁ ସାକାର କରିବା ପାଇଁ  କି ପ୍ରକାର ଯୋଜନା ଓ ପଦକ୍ଷେପ ନେଉଛନ୍ତି ଜଣାଇବେ କି ?

**ଉତ୍ତର**

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ , ଉପମୁଖ୍ୟମନ୍ତ୍ରୀ , କୃଷି ଓ କୃଷକ ସଶକ୍ତିକରଣ :-**

ବରଗଡ଼ ଜିଲ୍ଲାରେ ୨୦୨୨-୨୩ଠାରୁ ଏପର୍ଯ୍ୟନ୍ତ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି ମାଧ୍ୟମରେ ୧୦୦୦ ହେକ୍ଟର ଜୈବିକ ଚାଷ କରାଯାଉଛି । ୨୦୨୫-୨୬ ଠାରୁ ଜାତୀୟ ପ୍ରାକୃତିକ କୃଷି ମିଶନ (NMNF) କାର୍ଯ୍ୟକ୍ରମରେ ଜୈବିକ ଚାଷ କରିବାପାଇଁ ସ୍ଥିର କରାଯାଇଛି। ଏହା ଦ୍ୱାରା କୃଷକମାନେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ବଦଳରେ ଜୈବିକ ପ୍ରଣାଳୀର ଚାଷରେ ମନ ଦେଉଛନ୍ତି।